ପ୍ରେସ୍ ନୋଟ୍

## ୫ ବର୍ଷୀୟ ପୁରେନ୍ଦ୍ରଙ୍କର ଅସ୍ତ୍ରୋପଚାର ସଫଳ ।

ଅନୁଗୋଳ, ତା.୧୬.୦୩:- ପାଲଲହଡା ବ୍ଲକ ଖମାର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁତରିମୁଣ୍ଡା ଗ୍ରାମର ଶ୍ରୀ ରୁଦ୍ର ଗାଗାରାଇଙ୍କର ୫ ବର୍ଷର ପୁତ୍ର ପୁରେନ୍ଦ୍ର ଗାଗାରାଇ ଏକ ଆକସ୍ମିକ ଅଗ୍ନି ଦୁର୍ଘଟଣାରେ କିଛି ଦିନ ପୂର୍ବରୁ ଗୁରୁତର ଭାବେ ପୋଡି ଯାଇଥିଲେ । ଗରିବ ପରିବାରର ପୁରେନ୍ଦ୍ରଂକର ଜଟିଳ ଅସ୍ତ୍ରୋପଚାର ତୁରନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଂକର ସ୍ୱାଇଁ ଟ୍ୱିଟର ମାଧ୍ୟମରେ ଜାଣିଲା ପରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରବି ନାରାୟଣ ମାଝି ଏବଂ ସ୍ଥାନୀୟ ଚିକିତ୍ସକଂକୁ ଆହତ ପୁରେନ୍ଦ୍ରଙ୍କ ଘରକୁ ଯାଇ ତାଂକ ସ୍ୱାସ୍ଥ୍ୟ ଅବସ୍ଥାର ସବିଶେଷ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଂକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଜାଣିଲା ପରେ ରେଡକ୍ରସ ତରଫରୁ ୪ହଜାର ଟଙ୍କା ଆହତଙ୍କ ପରିବାରକୁ ପ୍ରଦାନ କରାଯାଇଥିବା ବେଳେ ତାଙ୍କୁ ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (RBSK) ଅଧିନରେ ମାଗଣାରେ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜ, କଟକକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଂକର ସଫଳ ଭାବରେ ଅସ୍ତ୍ରୋପଚାର କରାଯାଇଥିଲା । ବର୍ତ୍ତମାନ ତାଂକର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜଣାପଡିଛି । ପୁରେନ୍ଦ୍ର ଏକ ପ୍ରକାର ନୂଆ ଜୀବନ ପାଇଥିବାରୁ ତାଂକ ପ ରିବାର ଖୁସି ଅଛନ୍ତି ଜଣାପଡିଛି ।



# Before Operation



# After Operation

